17/05/20 ପ୍ରାତଃ ମୁରଲୀ ଓମ୍ ଶାନ୍ତି "ଅବ୍ୟକ୍ତ ବାପଦାଦା" ପୁନରାବୃତ୍ତି: ୮.୧.୮୬
ମଧୁବନ

"ବ୍ରାହ୍ମଣ ଜୀବନ ସର୍ବଦା ଅସରନ୍ତି ଖୁସି ଭରା ଜୀବନ"

ଆଜି ବାପଦାଦା ନିଜର ହୋଲୀ ଅର୍ଥାତ୍ ପବିତ୍ର ଏବଂ ହ୍ୟାପୀ ଅର୍ଥାତ୍ ଖୁସିରେ ରହୁଥିବା ହଂସମାନଙ୍କର ସଭାକୁ ଦେଖୁଛନ୍ତି । ସମସ୍ତେ ସବୁବେଳ ପାଇଁ ହୋଲୀ ସହିତ ହ୍ୟାପୀ ମଧ୍ୟ ରହୁଛନ୍ତି ? ହୋଲୀର ପ୍ରତ୍ୟକ୍ଷ ଚିହ୍ନ ହେଲା -- ଖୁସି ସର୍ବଦା ପ୍ରତ୍ୟକ୍ଷ ରୂପରେ ଦେଖାଯାଉଥିବ । ଯଦି ଖୁସି ନାହିଁ ତେବେ ନିଶ୍ଚିତ ଭାବରେ କୌଣସି ଅପବିତ୍ରତା ରହିଛି ଅର୍ଥାତ୍ ସଂକଳ୍ପ ବା କର୍ମ ଯଥାର୍ଥ ହେଉନାହିଁ, ସେଥିପାଇଁ ଖୁସିରେ ରହିପାରୁ ନାହଁ । ଅପବିତ୍ର କେବଳ ପାଞ୍ଚ ବିକାରକୁ କୁହାଯାଏ ନାହିଁ, କିନ୍ତୁ ସମ୍ପୂର୍ଣ୍ଣ ଆତ୍ମାମାନଙ୍କ ପାଇଁ ଦେବାତ୍ମା ହେଉଥିବା ଆତ୍ମାମାନଙ୍କ ପାଇଁ ଅଯଥାର୍ଥ, ବ୍ୟର୍ଥ ବା ସାଧାରଣ ସଂକଳ୍ପ, ବାଣୀ ବା କର୍ମକୁ ମଧ୍ୟ ସମ୍ପୂର୍ଣ୍ଣ ପବିତ୍ରତା କୁହାଯିବ ନାହିଁ । ଯେହେତୁ ତୁମେମାନେ ସମ୍ପୂର୍ଣ୍ଣ ସ୍ଥିତିର ପାଖାପାଖି ପହଞ୍ଚିବାକୁ ଯାଉଛ ସେଥିପାଇଁ ବର୍ତ୍ତମାନ ସମୟ ଅନୁସାରେ ବ୍ୟର୍ଥ ଏବଂ ସାଧାରଣ କର୍ମ ତୁମ ଦ୍ୱାରା ନ ହେଉ ଏଥିରେ ମଧ୍ୟ ନିରୀକ୍ଷଣ କରି ପରିବର୍ତ୍ତନ କରିବା ଆବଶ୍ୟକ । ତୁମର ସଂକଳ୍ପ ବାଣୀ ଏବଂ କର୍ମ ଯେତେ ସମର୍ଥ ଏବଂ ଶ୍ରେଷ୍ଠ ହେବ ସେତିକି ସର୍ବଦା ଖୁସିର ଚମକ ଏବଂ ସୌଭାଗ୍ୟର ନିଶା ନିଜକୁ ମଧ୍ୟ ଅନୁଭବ ହେବ ଏବଂ ଅନ୍ୟମାନଙ୍କୁ ମଧ୍ୟ ଅନୁଭବ କରାଇପାରିବ । ବାପଦାଦା ସବୁ ପିଲାଙ୍କର ଏହି ଦୁଇଟିଯାକ କଥାକୁ ଚେକ୍ କରୁଥିଲେ ଯେ ପିଲାମାନେ ପବିତ୍ରତାକୁ କେତେ ମାତ୍ରାରେ ଧାରଣ କରିଛନ୍ତି! ବ୍ୟର୍ଥ ଏବଂ ସାଧାରଣ ଏବେ ମଧ୍ୟ କେତେ ପରିମାଣରେ ଅଛି ଏବଂ ଆତ୍ମିକ ଖୁସି, ଅବିନାଶୀ ଖୁସି, ଆନ୍ତରିକ ଖୁସି କେତେ ସମୟ ରହୁଛି! ତେବେ ସମସ୍ତ ବ୍ରାହ୍ମଣ ପିଲାମାନଙ୍କର ବ୍ରାହ୍ମଣ ଜୀବନ ଧାରଣ କରିବାର ଲକ୍ଷ୍ୟ ହିଁ ହେଉଛି - ସର୍ବଦା ଖୁସିରେ ରହିବା । ଖୁସି ଭରା ଜୀବନ ବ୍ୟତୀତ କରିବା ପାଇଁ ହିଁ ବ୍ରାହ୍ମଣ ହୋଇଛ, ଏପରି ନୁହେଁ ଯେ ପୁରୁଷାର୍ଥର ମେହନତ କରିବା ପାଇଁ ବା କୌଣସି ନା କୌଣସି ଦ୍ୱନ୍ଦ୍ୱ ଭିତରେ ରହିବା ପାଇଁ ବ୍ରାହ୍ମଣ ହୋଇଛ ।

ଆତ୍ମିକ ଆନ୍ତରିକ ଖୁସି ବା ଅତିନ୍ଦ୍ରୀୟ ସୁଖ ଯାହାକି ସାରା କଳ୍ପର ପ୍ରାପ୍ତ ହୋଇପାରିବ ନାହିଁ, ଯାହାକୁ ପ୍ରାପ୍ତ କରିବା ପାଇଁ ହିଁ ବ୍ରାହ୍ମଣ ହୋଇଛ । କିନ୍ତୁ ଚେକ୍ କର ତୁମର ଖୁସି କୌଣସି ପ୍ରକାରର ସାଧନ ଅର୍ଥାତ୍ ବସ୍ତୁ ଆଧାରରେ, କୌଣସି ବିନାଶୀ ପ୍ରାପ୍ତି ଆଧାରରେ ବା କୌଣସି ଅଳ୍ପକାଳର ସଫଳତା ଆଧାରରେ, ନିଜର ମାନ୍ୟତା ହେବା ବା ନାମୀଗ୍ରାମୀ ହେବା ଆଧାରରେ, ମନର ବିନାଶୀ ଇଚ୍ଛା ପୂରଣ ହେବା ଆଧାରରେ ବା ଏହା ହିଁ ମୋତେ ଭଲ ଲାଗୁଛି — ଚାହେଁ କୌଣସି ବସ୍ତୁ ହେଉ ବା ସ୍ଥାନ ହେଉ ବା ବ୍ୟକ୍ତି ହେଉ ଏହିଭଳି ମନର ପସନ୍ଦ ଅନୁସାରେ ଖୁସି ପ୍ରାପ୍ତି କରିବାର ଆଧାର ନାହିଁ ତ ? ଏହି ସବୁ ଆଧାର ଉପରେ ନିର୍ଭର କରୁଥିବା ଖୁସିର ପ୍ରାପ୍ତିକୁ ବାସ୍ତବିକ ଖୁସି କୁହାଯିବ ନାହିଁ । କାରଣ ଏହା ଅବିନାଶୀ ଖୁସି ନୁହେଁ । ଆଧାର ହଲଚଲ୍ ହେଲେ ଖୁସି ମଧ୍ୟ ହଲଚଲ୍ ହେବ । ଏହିଭଳି ଖୁସିକୁ ପ୍ରାପ୍ତ କରିବା ପାଇଁ ତୁମେମାନେ ବ୍ରାହ୍ମଣ ହୋଇନାହଁ । ଅଳ୍ପକାଳର ପ୍ରାପ୍ତି ଆଧାରରେ ମିଳୁଥିବା ଖୁସି ତ ଦୁନିଆର ଲୋକମାନଙ୍କ ନିକଟରେ ମଧ୍ୟ ଅଛି । ସେମାନଙ୍କର ମଧ୍ୟ ସ୍ଲୋଗାନ ହେଲା ଖାଅ, ପିଅ, ମଉଜ କର । କିନ୍ତୁ ସେହି ଅଳ୍ପକାଳର ଆଧାର ସମାପ୍ତ ହେବା ମାତ୍ରକେ ଖୁସି ମଧ୍ୟ ସମାପ୍ତ ହୋଇଯାଏ । ସେହିଭଳି ଯଦି ବ୍ରାହ୍ମଣ ଜୀବନରେ ମଧ୍ୟ ଏହି ସବୁ ଆଧାର ଦ୍ୱାରା ଖୁସିର ପ୍ରାପ୍ତି ହେଉଛି ତେବେ ଅନ୍ତର କ'ଣ ରହିଲା ? ତୁମେମାନେ ଖୁସିର ସାଗରଙ୍କର ସନ୍ତାନ ହୋଇଛ ତେଣୁ ପ୍ରତ୍ୟେକ ସଂକଳ୍ପରେ, ପ୍ରତ୍ୟେକ ମୁହୂର୍ତ୍ତରେ ଖୁସିର ଲହଡିରେ ଖେଳୁଛ । ସଦାସର୍ବଦା ଖୁସିର ଭଣ୍ଡାର ଅଟ! ସେଥିପାଇଁ କୁହାଯାଇଛି — "ହ୍ୟାପୀ ଏବଂ ହୋଲୀ ହଂସ" । ବାପଦାଦା ଦେଖୁଥିଲେ ପିଲାମାନେ ବିନା କୌଣସି ବିନାଶୀ ଆଧାରରେ ସର୍ବଦା ଖୁସିରେ ରହିବାର ଯେଉଁ ଲକ୍ଷ୍ୟ ରଖିଛନ୍ତି, ସେହି ଲକ୍ଷ୍ୟରୁ ଚ୍ୟୁତ ହୋଇ ଭିନ୍ନ ଭିନ୍ନ ବିନାଶୀ ପ୍ରାପ୍ତି ରୂପକ ଗଳି ରାସ୍ତାରେ ବାଟବଣା ହେବା କାରଣରୁ କେତେକ ସନ୍ତାନ ଲକ୍ଷ୍ୟଠାରୁ ଦୂରେଇ ଯାଉଛନ୍ତି । ରାଜପଥକୁ ଛାଡି ଗଳି ରାସ୍ତାରେ ବଣା ହେଉଛନ୍ତି । ନିଜର ଖୁସି ରୂପକ ଲକ୍ଷ୍ୟକୁ ଛାଡି ବିନାଶୀ ପ୍ରାପ୍ତି ପଛରେ ଧାଇଁଛନ୍ତି । ଆଜି ନାମ ବିଖ୍ୟାତ ହୋଇଗଲା ବା କମ ହୋଇଗଲା ବା କୌଣସି ଇଚ୍ଛା ପୂରଣ ହୋଇଗଲା ତେବେ ମନ ଖୁସି ହୋଇଗଲା । ଯଦି ମନ ପସନ୍ଦ ବା ସଂକଳ୍ପ ପସନ୍ଦ ପ୍ରାପି ହେଲା ତେବେ ମନ ବହୁତ ଖୁସି ହୋଇଗଲା । ଯଦି ଟିକିଏ ବି କମୀ ହେଲା ତେବେ ନିରାଧାର ଖୁସିର ଲକ୍ଷ୍ୟ ତା' ଜାଗାରେ ରହିଗଲା ଅର୍ଥାତ୍ ବିନାଶୀ ହୋଇଗଲା, ସେଥିପାଇଁ ବେହଦର ଅବିନାଶୀ ଖୁସି ଠାରୁ ଦୂରେଇ ଯାଇଥା'ନ୍ତି । ତେଣୁ ବାପଦାଦା ପିଲାମାନଙ୍କୁ ପଚାରୁଛନ୍ତି — କ'ଣ ଏଥିପାଇଁ ହିଁ ବ୍ରାହ୍ମଣ ହୋଇଛ ? ଏଥିପାଇଁ ହିଁ ଏହିଁ ଆଧ୍ୟାତ୍ମିକ ଶୈଳୀକୁ ଆପଣାଇଛ ? ତେବେ ଏହା ତ ସାଧାରଣ ଜୀବନ ହେଲା, ଏହାକୁ ଶ୍ରେଷ୍ଠ ଜୀବନ କୁହାଯାଇପାରିବ ନାହିଁ ।

ତେବେ ଯେକୌଣସି କର୍ମ କର, ଅର୍ଥାତ୍ ଯେତେ ବି ବଡ ସେବା ହୋଇଥାଉ କିନ୍ତୁ ଯେଉଁ ସେବା ଆନ୍ତରିକ ଖୁସି, ଆତ୍ମିକ ମଉଜ, ବେହଦର ପ୍ରାପ୍ତିରୁ ତଳକୁ ଖସାଇ ଦେଉଛି ଅର୍ଥାତ୍ ହଦ୍‌କୁ ନେଇ ଆସୁଛି, ଆଜି ଖୁସି ମଉଜ କାଲିକୁ ବ୍ୟର୍ଥ ସଂକଳ୍ପ ବା ଦ୍ୱନ୍ଦ୍ୱରେ ପକାଇ ଦେଉଛି ଖୁସିରୁ ବଞ୍ଚିତ କରିଦେଉଛି — ସେଭଳି ସେବାକୁ ଛାଡିଦିଅ କିନ୍ତୁ ଖୁସିକୁ ଛାଡ ନାହିଁ କାରଣ ପ୍ରକୃତ ସେବା ସର୍ବଦା ବେହଦର ସ୍ଥିତିର, ବେହଦର ଖୁସିର ଅନୁଭବ କରାଇଥାଏ । ଯଦି ଏଭଳି ଅନୁଭୂତି ହେଉନାହିଁ ତେବେ ତାହା ମିଶାମିଶି ସେବା, ପ୍ରକୃତ ସେବା

ନୁହେଁ । ତେଣୁ ସର୍ବଦା ଏହି ଲକ୍ଷ୍ୟ ରଖ ଯେ ସେବା ଦ୍ୱାରା ସ୍ୱଉନ୍ନତି, ସ୍ୱପ୍ରାପ୍ତି, ସନ୍ତୁଷ୍ଟତା ଏବଂ ମହାନତାର ଅନୁଭୂତି ହେଉଛି ? ଯେଉଁଠାରେ ସନ୍ତୁଷ୍ଟତା ରୂପକ ମହାନତା ଥିବ ସେଠାରେ ଅବିନାଶୀ ପ୍ରାପ୍ତିର ଅନୁଭୂତି ମଧ୍ୟ ହେଉଥିବ । ସେବା କରିବା ଅର୍ଥ ଫୁଲ ବଗିଚାକୁ ହରାଭରା କରିବା । ସେବା କରିବା ଅର୍ଥ ଫୁଲ ବଗିଚାର ଅନୁଭବ କରିବା, ନୁହେଁ କି କଣ୍ଟାର ଜଙ୍ଗଲରେ ବାଟବଣା ହେବା । ବିଶୃଂଖଳା ମନୋଦଶା, ଅପ୍ରାପ୍ତି, ମାନସିକ ଦ୍ୱନ୍ଦ୍ୱ, ଏବେ ଏବେ ମଉଜ, ଏବେ ଏବେ ଦ୍ୱନ୍ଦ୍ୱ — ଏସବୁ ହେଲା କଣ୍ଟା । ଏହି ସବୁ କଣ୍ଟାଠାରୁ ଦୂରେଇ ରହିବା ଅର୍ଥାତ୍ ଅବିନାଶୀ ଖୁସିର ଅନୁଭବ କରିବା । ତେଣୁ ଯାହାବି ହୋଇଯାଉ — ଅଳ୍ପକାଳର ପ୍ରାପ୍ତିର ତ୍ୟାଗ ମଧ୍ୟ କରିବାକୁ ପଡିବ, ଅନେକ କଥା ଛାଡିବାକୁ ବି ପଡିବ ଏବଂ ଛାଡି ବି ଦିଅ କିନ୍ତୁ ଖୁସିକୁ ଛାଡ ନାହିଁ । ଯାହାକୁ ପ୍ରାପ୍ତି କରିବା ପାଇଁ ଆସିଛ ସେହି ଲକ୍ଷ୍ୟରୁ ଦୂରେଇ ଯାଅ ନାହିଁ । ଏହାର ସୂକ୍ଷ୍ମ ଚେକିଙ୍ଗ୍ କର । ଖୁସି ତ ଅଛ କିନ୍ତୁ ଅଳ୍ପକାଳର ପ୍ରାପ୍ତି ଆଧାରରେ ଖୁସି ରହିବା, ଏହାକୁ ହିଁ ଖୁସି ମନେ କରୁନାହିଁ ତ ? ରାସ୍ତାକଡର ଦୃଶ୍ୟକୁ ଦେଖି ଅନ୍ତିମ ଲକ୍ଷ୍ୟ ମନେ କରୁ ନାହଁ ତ ? କାହିଁକି ନା ରାସ୍ତା କଡରେ ଦୃଶ୍ୟ ମଧ୍ୟ ବଡ ମନ ଲୋଭା ହୋଇଥାଏ କିନ୍ତୁ ପ୍ରକୃତ ଲକ୍ଷ୍ୟକୁ ପ୍ରାପ୍ତ କରିବା ଅର୍ଥାତ୍ ବେହଦର ରାଜ୍ୟ ଅଧିକାରୀ ହେବା । ବାସ୍ତବିକ ଲକ୍ଷ୍ୟଠାରୁ ଦୂରେଇ ଯାଉଥିବା ଆତ୍ମା ବିଶ୍ୱର ରାଜ୍ୟ ଅଧିକାରୀ ହୋଇପାରିବେ ନାହିଁ । ରାଜ ପରିବାରରେ ବି ଆସିପାରିବ ନାହିଁ । ସେଥିପାଇଁ ଲକ୍ଷ୍ୟକୁ ସର୍ବଦା ସ୍ମୃତିରେ ରଖ । ନିଜକୁ ପଚାର — ବାଟ ଚାଲୁ ଚାଲୁ କୌଣସି ସିମୀତ ଗଳି ରାସ୍ତାରେ ପହଞ୍ଚି ଯାଇ ନାହିଁ ତ! ଅଳ୍ପକାଳର ପ୍ରାପ୍ତିର ଖୁସି ସଦାକାଳର ସୌଭାଗ୍ୟଠାରୁ ଦୂରେଇ ଦେଉ ନାହିଁ ତ ? ଅଳ୍ପ ଟିକିଏ ପ୍ରାପ୍ତିରେ ଖୁସି ହୋଇଯାଉଥିବା ଆତ୍ମା ନୁହେଁ ତ ? ନିଜକୁ ନିଜେ ଖୁସି ହୋଇଯାଉନାହଁ ତ ? ମୁଁ ଯେମିତି ଅଛି ସେମିତି ଠିକ୍ ଅଛି, ଖୁସିରେ ଅଛି — ଏହିଭଳି ଭାବୁନାହଁ ତ ? କାରଣ ଅବିନାଶୀ ଖୁସିର ଚିହ୍ନ ହେଲା — ସେମାନଙ୍କୁ ଅନ୍ୟମାନଙ୍କଠାରୁ ମଧ୍ୟ ସର୍ବଦା ଖୁସି ରୂପକ ଆଶୀର୍ବାଦ ନିଶ୍ଚିତ ପ୍ରାପ୍ତ ହେଉଥିବ । ବାପଦାଦା ଏବଂ ନିମିତ୍ତ ବଡମାନଙ୍କର ସ୍ନେହ ରୂପକ ଆଶୀର୍ବାଦ ଭିତରେ ଭିତରେ ଅଲୌକିକ ଖୁସିର ସାଗରର ଲହଡି ସହିତ ଖେଳିବାର ଅନୁଭବ କରାଉଥିବ । ତେଣୁ ବେପରୁଆ ଭାବରେ ଏପରି ଭାବ ନାହିଁ ଯେ — ମୁଁ ତ ଠିକ୍ ଅଛି କିନ୍ତୁ ଅନ୍ୟମାନେ ମୋତେ ଜାଣିନାହାଁନ୍ତି । କ’ଣ ସୂର୍ଯ୍ୟର ପ୍ରକାଶ କେବେ ଲୁଚି ରହିପାରେ କି ? ସତ୍ୟତାର ସୁଗନ୍ଧ କେବେ ବି ନଷ୍ଟ ହୋଇପାରିବ ନାହିଁ କି ଲୁଚି ରହିପାରିବ ନାହିଁ । ସେଥିପାଇଁ କେବେ ବି ଏଥିରେ ଧୋକା ଖାଅ ନାହିଁ । ସର୍ବଦା ଏହି ପାଠକୁ ପକ୍କା କର — ପ୍ରଥମେ ନିଜର ବେହଦର ଅବିନାଶୀ ଖୁସି, ତା’ପରେ ଅନ୍ୟ କଥା । ବେହଦର ଖୁସି ସେବାର ବା ସମସ୍ତଙ୍କଠାରୁ ସ୍ନେହର ବା ସମସ୍ତଙ୍କ ଦ୍ୱାରା ଅବିନାଶୀ ସମ୍ମାନ ପ୍ରାପ୍ତ ହେବାର ସୌଭାଗ୍ୟ ଅର୍ଥାତ୍ ଶ୍ରେଷ୍ଠ ଭାଗ୍ୟ ସ୍ୱତଃ ଅନୁଭୂତି କରାଇବ । ଯିଏ ସବୁବେଳେ ଖୁସିରେ ରହୁଛି ସିଏ ଖୁସନସୀବ ଆତ୍ମା ଅର୍ଥାତ୍ ସୌଭାଗ୍ୟଶାଳୀ ଅଟେ । ବିନା ପରିଶ୍ରମରେ, ବିନା ଇଚ୍ଛା କରିବାରେ ଅର୍ଥାତ୍ କହିବା ପୂର୍ବରୁ ସହଜରେ ସର୍ବପ୍ରାପ୍ତି ହୋଇଯିବ । ତେଣୁ ଏହି ପାଠକୁ ପକ୍କା କରିଲ ?

ବାପଦାଦା ଦେଖୁଛନ୍ତି — କ’ଣ ପାଇଁ ଆସିଥିଲେ । କେଉଁଆଡେ ଯିବାର ଅଛି ଏବଂ କେଉଁ ଆଡକୁ ଯାଉଛନ୍ତି । ହଦ ଅର୍ଥାତ୍ ବିନାଶ ହେବାକୁ ଯାଉଥିବା ଦୁନିଆକୁ ଛାଡି ଆସିବା ପରେ ପୁଣି ବି ଯଦି ବିନାଶୀ ପ୍ରାପ୍ତି ପଛରେ ଯିବ ତେବେ ବେହଦର ଅନୁଭବ କେବେ କରିବ ? ବାପଦାଦାଙ୍କୁ ମଧ୍ୟ ପିଲାମାନଙ୍କ ପ୍ରତି ସ୍ନେହ ରହିଛି । ଦୟା ତ କୁହାଯିବ ନାହିଁ କାହିଁକି ନା ତୁମେମାନେ ତ ଭିକାରୀ ନୁହେଁ ନା । ଦାତା, ବିଧାତାଙ୍କର ସନ୍ତାନ ଅଟ । ଦୟା ତ ଦୁଃଖୀ ଆତ୍ମାଙ୍କ ଉପରେ କରାଯାଏ । ତୁମେମାନେ ତ ସୁଖ ସ୍ୱରୂପ ଆତ୍ମା, ସୁଖଦାତା ବାବାଙ୍କର ସନ୍ତାନ । ଏବେ ବୁଝିପାରିଲ କ’ଣ କରିବ ? ବାପଦାଦା ଏହି ବର୍ଷ ପାଇଁ ବାରମ୍ବାର ଭିନ୍ନ ଭିନ୍ନ କଥା ଉପରେ ଧ୍ୟାନ ଆକର୍ଷଣ କରାଉଛନ୍ତି । ଏହି ବର୍ଷ ବିଶେଷ ଭାବରେ ନିଜ ଉପରେ ଧ୍ୟାନ ଦେବା ପାଇଁ ସମୟ ଦିଆଯାଉଛି । ଦୁନିଆର ଲୋକମାନେ ତ କହୁଛନ୍ତି କେବଳ ଖାଅ ପିଅ ମଉଜ କର କିନ୍ତୁ ବାପଦାଦା କହୁଛନ୍ତି ନିଜେ ଖାଇବା ସହିତ ଅନ୍ୟମାନଙ୍କୁ ମଧ୍ୟ ଖୁଆଅ । ନିଜେ ମଉଜରେ ରୁହ ଏବଂ ଅନ୍ୟମାନଙ୍କୁ ମଧ୍ୟ ମଉଜର ଅନୁଭବ କରାଅ । ଆଚ୍ଛା!

ସର୍ବଦା ଅବିନାଶୀ ବେହଦର ଖୁସିରେ ରହୁଥିବା, ପ୍ରତ୍ୟେକ କର୍ମରେ ନିଜକୁ ସୌଭାଗ୍ୟଶାଳୀ ମନେ କରୁଥିବା, ସର୍ବଦା ସମସ୍ତଙ୍କୁ ଖୁସିର ସମ୍ପତ୍ତି ବାଣ୍ଟୁଥିବା, ସର୍ବଦା ଖୁସିର ସୁଗନ୍ଧ ବ୍ୟାପ୍ତ କରୁଥିବା, ସର୍ବଦା ଖୁସିର ଉମଙ୍ଗ-ଉତ୍ସାହର ଲହଡିରେ ଖେଳୁଥିବା, ସର୍ବଦା ଖୁସିର ଚମକ ଏବଂ ନିଶାରେ ରହୁଥିବା, ନିଜର ଶ୍ରେଷ୍ଠ ଲକ୍ଷ୍ୟକୁ ପ୍ରାପ୍ତ କରୁଥିବା ଶ୍ରେଷ୍ଠ ଆତ୍ମାମାନଙ୍କୁ ବାପଦାଦାଙ୍କ ତରଫରୁ ସର୍ବଦା ହୋଲୀ ଏବଂ ହ୍ୟାପୀ ରହିବାର ୟାଦପ୍ୟାର ଏବଂ ନମସ୍ତେ ।

ପାର୍ଟିମାନଙ୍କ ସହିତ:- ପ୍ରବୃତ୍ତି ଅର୍ଥାତ୍ ଘର ଗୃହସ୍ଥରେ ରହି ମଧ୍ୟ ସର୍ବଦା ସମସ୍ତଙ୍କଠାରୁ ଅଲଗା ଏବଂ ବାବାଙ୍କର ପ୍ରିୟ ଅଟ ନା! କେବେକେବେ ଘର ଗୃହସ୍ଥ ପ୍ରତି ମୋହ ଆସିଯାଉନାହିଁ ତ ? ଯଦି କେଉଁଠି ବି କାହା ସହିତ ମୋହ ରହିବ ତେବେ ତାହା ସବୁଦିନ ପାଇଁ ନିଜ ଜୀବନ ପାଇଁ ବିଘ୍ନ ପାଲଟୀ ଯିବ । ସେଥିପାଇଁ ସର୍ବଦା ନିର୍ବିଘ୍ନ ହୋଇ ଆଗକୁ ବଢିଚାଲ । କଳ୍ପପୂର୍ବ ଭଳି “ଅଙ୍ଗଦ” ହୋଇ ଅଚଳ-ଅଟଳ ରୁହ । ଅଙ୍ଗଦର ବିଶେଷତା କ’ଣ ଦେଖାଇଛନ୍ତି ? ଏତେ ନିଶ୍ଚୟବୁଦ୍ଧି ଯାହାକି ତା’ର ପାଦକୁ ମଧ୍ୟ କେହି ହଲଚଲ୍ କରିପାରିଲେ ନାହିଁ । ମାୟା ତୁମର ନିଶ୍ଚୟ ରୂପୀ ପାଦକୁ ହଲଚଲ୍ କରିବା ପାଇଁ ଭିନ୍ନ ଭିନ୍ନ ପ୍ରକାରରେ ଆସିବ କିନ୍ତୁ ମାୟା ହଲିଯିବ, ତୁମର ନିଶ୍ଚୟ ରୂପୀ ପାଦ ହଲିବ ନାହିଁ । ମାୟା ତୁମ ନିକଟରେ ସରେଣ୍ଡର ଅର୍ଥାତ୍ ସମର୍ପଣ ହୋଇଯିବ କିନ୍ତୁ ତୁମେମାନେ ମାୟା ନିକଟରେ ସରେଣ୍ଡର ହେବ ନାହିଁ । ମୋତେ ତ ବାବାଙ୍କ ନିକଟରେ ସରେଣ୍ଡର ହେବାର ଅଛି, ମାୟା ନିକଟରେ ନୁହେଁ । ଏହିଭଳି ନିଶ୍ଚୟବୁଦ୍ଧି ଆତ୍ମା ସର୍ବଦା ନିଶ୍ଚିନ୍ତରେ ରହିଥା’ନ୍ତି । ଯଦି ଟିକିଏ ବି କୌଣସି ଚିନ୍ତା ଅଛି ତେବେ ନିଶ୍ଚୟରେ କମି ଅଛି । ଯଦି

କେତେବେଳେ କୌଣସି କଥାର ଟିକିଏ ବି ଚିନ୍ତା ଆସିଯାଉଛି ଏହାର କାରଣ କ'ଣ ? ନିଶ୍ଚିତ କୌଣସି ନା କୌଣସି କଥାରେ ନିଶ୍ଚୟର କମୀ ଅଛି । ଚାହେଁ ଡ୍ରାମା ଉପରେ ନିଶ୍ଚୟର କମି ଥାଉ ବା ନିଜ ଉପରେ ନିଶ୍ଚୟର କମି ଥାଉ ବା ବାବାଙ୍କ ଉପରେ ନିଶ୍ଚୟର କମି ଥାଉ । ଯଦି ଏହି ତିନି ପ୍ରକାରର ନିଶ୍ଚୟରେ ଟିକିଏ ବି କମି ରହିଛି ତେବେ ନିଶ୍ଚିନ୍ତରେ ରହିପାରିବ ନାହିଁ । କାରଣ ସବୁଠାରୁ ବଡ ରୋଗ ହେଲା — ଚିନ୍ତା । ଚିନ୍ତା ରୂପକ ରୋଗର ଔଷଧ ଡାକ୍ତର ପାଖରେ ମଧ୍ୟ ନାହିଁ । ଅଳ୍ପ ସମୟ ପାଇଁ ନିଦରେ ଶୁଆଇ ଦେବେ କିନ୍ତୁ ସଦାକାଳ ପାଇଁ ଚିନ୍ତା ଦୂର କରିପାରିବେ ନାହିଁ । ଚିନ୍ତାଗ୍ରସ୍ତ ଆତ୍ମା ଯେତେ ଯେତେ ପ୍ରାପ୍ତି ପଛରେ ଧାଇଥା'ନ୍ତି ପ୍ରାପ୍ତି ମଧ୍ୟ ସେତିକି ସେତିକି ଆଗକୁ ଚାଲିଯାଏ । ସେଥିପାଇଁ ସର୍ବଦା ତୁମର ନିଶ୍ଚୟ ରୂପୀ ପାଦ ଅଚଳ ରହିବା ଉଚିତ୍ । ସର୍ବଦା ଏକ ବଳ ବା ଏକ ଭରସା — ଏହାକୁ ହିଁ ପାଦ କୁହାଯାଏ । ନିଶ୍ଚୟ କୁହ ବା ଭରସା କୁହ ଏକା କଥା । ଏହିଭଳି ନିଶ୍ଚୟ ବୁଦ୍ଧି ପିଲାମାନଙ୍କର ବିଜୟ ସୁନିଶ୍ଚିତ ।

(୨) ସର୍ବଦା ବାବାଙ୍କ ଉପରେ ସ୍ୱାହା ହେଉଥିବା ଆତ୍ମା ଅଟ ? ଭକ୍ତିମାର୍ଗରେ ଯେଉଁ ପ୍ରତିଜ୍ଞା କରିଥିଲ ତା'କୁ ପାଳନ କରୁଛ ତ ? କ'ଣ ପ୍ରତିଜ୍ଞା କରିଥିଲ ? ଆପଣଙ୍କ ନିକଟରେ ସଦାକାଳ ପାଇଁ ସ୍ୱାହା ହୋଇଯିବ । ତେବେ ସ୍ୱାହା ହେବା ଅର୍ଥ ସମର୍ପିତ ହୋଇ ବଳବାନ ହେବା । ତେଣୁ ସମର୍ପିତ ହୋଇଯାଇଛ ନା ହେବା ପାଇଁ ଭାବୁଛ ? ସମର୍ପିତ ହେବା ଅର୍ଥ — "କିଛି ବି ମୋର ନୁହେଁ" । ମୋର ପଣିଆ ସମାପ୍ତ । ଏହି ଶରୀର ମଧ୍ୟ ମୋର ନୁହେଁ । କେବେକେବେ ଦେହ-ଅଭିମାନରେ ଆସିଯାଉଛ କି ? ମୋର ବୋଲି ଭାବୁଛ ତେଣୁ ଦେହର ସ୍ମୃତି ଆସୁଛି । ଏହାଠାରୁ ମଧ୍ୟ ଊର୍ଦ୍ଧ୍ୱରେ ରହିବାକୁ ହେବ — ତେବେ କୁହାଯିବ ସମର୍ପିତ ହେବା । ତେଣୁ ମୋର ପଣିଆକୁ ସଦାକାଳ ପାଇଁ ସମାପ୍ତ କରିଚାଲ । ସବୁ କିଛି ତୋର, ଏହିଭଳି ଅନୁଭବ କରିଚାଲ । ଯେତେ ଅଧିକ ଅନୁଭବୀ ସେତିକି ଅଧିକାରୀ ପଣିଆସ୍ଥିତି । ସେମାନେ କେବେହେଲେ ଧୋକା ଖାଇପାରିବେ ନାହିଁ । ଦୁଃଖର ବାତାବରଣରେ ପ୍ରଭାବିତ ହୋଇପାରିବେ ନାହିଁ । ତେଣୁ ସର୍ବଦା ସମସ୍ତଙ୍କୁ ନିଜର ଅନୁଭବର କାହାଣୀ ଶୁଣାଇଚାଲ । ଅନୁଭବୀ ଆତ୍ମା ଅଳ୍ପ ସମୟରେ ଅଧିକ ସଫଳତା ପ୍ରାପ୍ତ କରିଥାଏ । ଆଚ୍ଛା-

(ବିଦାୟ ସମୟରେ - ୧୪ ଜାନୁୟାରୀ ମକରସଂକ୍ରାନ୍ତି ଉପଲକ୍ଷେ ଅଭିନନ୍ଦନ)

ଆଜିର ଦିନକୁ ଦୁନିଆରେ ଖାଇବା ଏବଂ ଖୁଆଇବାର ଦିନ ରୂପରେ ମହତ୍ୱ ଦେଇ ଦେଇଛନ୍ତି । କିଛି ଖାଇଥା'ନ୍ତି, କିଛି ଅନ୍ୟକୁ ମଧ୍ୟ ଖୁଆଇଥା'ନ୍ତି । ସେମାନେ ତିଳ ଖସା ଦାନ କରିଥା'ନ୍ତି ବା ଖାଇଥା'ନ୍ତି । ତିଳ ଅର୍ଥାତ୍ ଅତି ଛୋଟିଆ ବିନ୍ଦୁ । ଯଦି କୌଣସି ଛୋଟିଆ କଥା ହୋଇଥାଏ ତେବେ କହିଥା'ନ୍ତି — ଏହା ତିଳ ସମାନ ଅଟେ, ଯଦି ବଡ କଥା ହୋଇଥାଏ ତେବେ କହିଥା'ନ୍ତି ପାହାଡ ସମାନ ଅଟେ । ତେବେ ପାହାଡ ଏବଂ ତିଳ ଭିତରେ ବହୁତ ଅନ୍ତର ହୋଇଯାଉଛି ନା । ତେଣୁ ତିଳର ମହତ୍ୱ ଏଇଥିପାଇଁ ରହିଛି ଯେହେତୁ ତୁମେମାନେ ଅତି ସୂକ୍ଷ୍ମ ବିନ୍ଦୁ ହେଉଛ । ଯେତେବେଳେ ସୂକ୍ଷ୍ମ ବିନ୍ଦୁ ସ୍ୱରୂପ ହେଉଛ ସେତେବେଳେ ପତଙ୍ଗ ଅର୍ଥାତ୍ ଗୁଡି ଭଳି ଉଡିପାରୁଛ । ସେଥିପାଇଁ ତିଳର ମଧ୍ୟ ମହତ୍ୱ ରହିଛି ଏବଂ ତିଳ ଅର୍ଥାତ୍ ରାଶିକୁ ସବୁବେଳେ ମିଠା ସହିତ ସଂଗଠିତ କରି ଅର୍ଥାତ୍ ଲଡୁ ତିଆରି କରି ଖାଇଥା'ନ୍ତି, ସେମିତି ଖାଆନ୍ତି ନାହିଁ, ଯାହାକି ମଧୁରତା ଅର୍ଥାତ୍ ସ୍ନେହ ଦ୍ୱାରା ସଂଗଠିତ ରୂପରେ ରହିବାର ପ୍ରତୀକ ଅଟେ । ଯେପରି ତିଳରେ ମିଠା ମିଶିବା ଦ୍ୱାରା ସ୍ୱାଦିଷ୍ଟ ହୋଇଯାଏ ବିନା ମିଠାରେ ଖାଇଲେ ପିତା ଲାଗିବ କିନ୍ତୁ ମିଠା ମିଶିଗଲେ ବହୁତ ସ୍ୱାଦିଷ୍ଟ ହୋଇଯାଏ । ତେଣୁ ତୁମେ ଆତ୍ମାମାନେ ମଧ୍ୟ ଯେତେବେଳେ ମଧୁରତାପୂର୍ଣ୍ଣ ବ୍ୟବହାର ଦ୍ୱାରା ସମ୍ବନ୍ଧରେ ଆସୁଛ ବା ସ୍ନେହପୂର୍ଣ୍ଣ ସମ୍ବନ୍ଧରେ ଆସୁଛ ସେତେବେଳେ ଶ୍ରେଷ୍ଠ ହୋଇ ଯାଉଛ । ତେବେ ଏହା ସଂଗଠିତ ଭାବରେ ମଧୁରତାର ସ୍ମାରକୀ ଅଟେ । ଏହାର ମଧ୍ୟ ପ୍ରତୀକ ରହିଛି — ତେଣୁ ସର୍ବଦା ନିଜକୁ ମଧୁରତା ଆଧାରରେ ସଂଗଠନକୁ ଶକ୍ତିଶାଳୀ କରିବାରେ ନିମିତ୍ତ କରିବା, ବିନ୍ଦୁ ସ୍ୱରୂପ ହୋଇ ରହିବା ଏବଂ ପତଙ୍ଗ ହୋଇ ଉଡିବା, ଏହା ହେଉଛି ଆଜି ଦିନର ମହତ୍ୱ । ତେବେ ପାଳନ କରିବା ଅର୍ଥାତ୍ ହେବା । ତେଣୁ ତୁମେମାନେ ଏହିଭଳି ହେଉଛ କିନ୍ତୁ ସେମାନେ ଅଳ୍ପ ସମୟ ପାଇଁ ପାଳନ କରୁଛନ୍ତି । ଏଥିରେ ଦାନ ଦେବାର ଅର୍ଥ ହେଲା ଯାହା କିଛି କମି କମଜୋରୀ ଅଛି ତାକୁ ଦାନ ଦେଇଦିଅ । ଛୋଟ କଥା ମନେକରି ଦେଇଦିଅ, ତିଳ ସମାନ ମନେ କରି ଦେଇଦିଅ । ବଡ କଥା ମନେ କର ନାହିଁ — ଏମିତି ଭାବ ନାହିଁ ଯେ ମୋତେ ଛାଡିବାକୁ ପଡିବ ବା ଦେବାକୁ ପଡିବ — ନା । ତିଳ ସମାନ ଛୋଟିଆ କଥାକୁ ଦାନ କରିବା, ଖୁସି ଖୁସିରେ ଛୋଟିଆ କଥା ମନେ କରି ଦାନ ଦେଇଦିଅ । ଏହା ହିଁ ହେଉଛି ମକର ସଂକ୍ରାନ୍ତିରେ ଦାନ କରିବାର ମହତ୍ୱ । ବୁଝିଲ!

ସଦା ସ୍ନେହୀ ହେବା, ସର୍ବଦା ସଂଗଠିତ ରୂପରେ ଚାଲିବା ଏବଂ ସର୍ବଦା ବଡ କଥାକୁ ଛୋଟ ମନେ କରି ସମାପ୍ତ କରିଦେବା, ନିଆଁରେ ପୋଡିଦେବା । ଏହା ହିଁ ଏହାର ମହତ୍ୱ । ତେବେ ସମ୍ପୂର୍ଣ୍ଣ ପାଳନ କରିଲ ନା । ଦୃଢ ସଂକଳ୍ପ ନିଆଁ ଜଳାଇ ଦେଲ ନା! ଆଜି ଦିନରେ ନିଆଁ ଜଳାଇଥା'ନ୍ତି ନା । ଏହା ହେଉଛି ସଂସ୍କାର ପରିବର୍ତ୍ତନ କରିବାର ଦିବସ -- ସେମାନେ ସଂକ୍ରାନ୍ତି କହୁଛନ୍ତି କିନ୍ତୁ ତୁମେମାନେ ଏହାକୁ ସଂସ୍କାର ପରିବର୍ତ୍ତନ କହିବ । ଆଚ୍ଛା -- ସମସ୍ତଙ୍କୁ ସ୍ନେହ ଏବଂ ସଂଗଠନ ଶକ୍ତି ଦ୍ୱାରା ସର୍ବଦା ସଫଳ ରହିବାର ୟାଦପ୍ୟାର ଏବଂ ଗୁଡ୍‌ମର୍ଣ୍ଣିଙ୍ଗ୍ ।

ବରଦାନ:- ସର୍ବଦା ଭାଗ୍ୟବାନ ଏବଂ ଭାଗ୍ୟର ସ୍ମୃତିରେ ରହୁଥିବା ସର୍ବଶ୍ରେଷ୍ଠ ଭାଗ୍ୟବାନ ହୁଅ ।

ସଂଗମଯୁଗରେ ଚୈତନ୍ୟ ସ୍ୱରୂପରେ ସ୍ୱୟଂ ଭଗବାନ ପିଲାମାନଙ୍କର ସେବା କରୁଛନ୍ତି । ଭକ୍ତିମାର୍ଗରେ ସମସ୍ତେ

ଭଗବାନଙ୍କର ସେବା କରିଥା'ନ୍ତି କିନ୍ତୁ ଏଠାରେ ସ୍ୱୟଂ ଭଗବାନ ଚୈତନ୍ୟ ଠାକୁରମାନଙ୍କର ସେବା କରୁଛନ୍ତି । ଅମୃତବେଳାରେ ଉଠାଉଛନ୍ତି, ଭୋଗ ଲଗାଉଛନ୍ତି, ଶୁଆଇ ଦେଉଛନ୍ତି । ଗୀତ ବାଜିଲେ ଶୋଉଛ ଏବଂ ଗୀତ ବାଜିଲେ ଉଠୁଛ । ଆମେ ବ୍ରାହ୍ମଣମାନେ ଏହିଭଳି ଗେହ୍ଲା ବା ସର୍ବଶ୍ରେଷ୍ଠ ଭାଗ୍ୟବାନ ଅଟୁ -- ଏହିଭଳି ଭାଗ୍ୟର ଖୁସିରେ ସର୍ବଦା ଝୁଲୁଥାଅ । କେବଳ ବାବାଙ୍କର ଗେହ୍ଲା ହୁଅ, ମାୟାର ନୁହେଁ । ଯେଉଁମାନେ ମାୟାର ଗେହ୍ଲା ହୋଇଯାଆନ୍ତି ସେମାନେ ବହୁତ ଚଞ୍ଚଳତା କରିଥା'ନ୍ତି ।

ସ୍ଲୋଗାନ:- ନିଜର ହର୍ଷିତ ଚେହେରା ଦ୍ୱାରା ସର୍ବପ୍ରାପ୍ତିର ଅନୁଭୂତି କରାଇବା ହିଁ ପ୍ରକୃତ ସେବା ।

***** ଓମ୍ ଶାନ୍ତି *****

ସୂଚନା:- ଆଜି ମାସର ତୃତୀୟ ରବିବାର ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ, ତେଣୁ ସନ୍ଧ୍ୟା ୬ଟା ୩୦ମି. ଠାରୁ ୭ଟା ୩୦ମି. ପର୍ଯ୍ୟନ୍ତ ସମସ୍ତ ଭାଇ ଭଉଣୀମାନେ ସଂଗଠିତ ରୂପରେ ଏକତ୍ରିତ ହୋଇ ପ୍ରଭୁପ୍ରେମରେ ମଜ୍ଜିଯିବାର ଅନୁଭବ କରିବେ ଏବଂ ଏହି ସ୍ମାନରେ ରହିବେ ଯେ ମୁଁ ଆତ୍ମା ସର୍ବ ପ୍ରାପ୍ତିରେ ସମ୍ପନ୍ନ ସର୍ବଶ୍ରେଷ୍ଠ ଭାଗ୍ୟବାନ ଅଟେ । ସ୍ନେହର ସାଗର ବାବାଙ୍କଠାରୁ ସ୍ନେହର କିରଣ ବାହାରି ମୋ ଭିତରେ ଭରପୁର ହେଉଛି ଏବଂ ସେହି ସ୍ନେହର ତରଙ୍ଗ ଚତୁର୍ଦ୍ଦିଗରେ ବିଚ୍ଛୁରିତ ହେଉଛି ।